## ୧୭ ଡ଼ିସେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ
## ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍‌ଦୁଲ୍ଲାଃ ବିନ୍ ଉସମାନ୍ [ର.ଅ]ଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମା ବାଦ୍‌ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ଅବୁବକର ସିଦ୍ଦିକ୍ [ର.ଅ]ଙ୍କର କ୍ରୀତଦାସ ମୁକ୍ତ କରିବା ପ୍ରସଙ୍ଗରେ କେତେକ କଥନ ବାକି ରହି ଯାଇଛି । ଯାହାର ଚର୍ଚ୍ଚା କରିଦେଉଛି, ଆପଣ ନହଦିୟା ଓ ତାଙ୍କ କନ୍ୟାଙ୍କୁ ଅମାନ୍ୟକାରୀଙ୍କ ମନ ମୁତାବକ ଅର୍ଥ ପ୍ରଦାନ କରି ଉଭୟଙ୍କୁ ମୁକ୍ତ କରି ଦେଇଥିଲେ । ଏହିପରି ଉମର ବିନ୍ ଖତାବ୍ ଯେ କି ସେପର୍ଯ୍ୟନ୍ତ ମୁସଲମାନ ହୋଇ ନଥିଲେ ବନୁ ମୌମଲ୍‌ଙ୍କର ଜଣେ ଦାସୀଙ୍କୁ ନିର୍ଯ୍ୟାତନା ଦେଉଥିଲେ । ହଜରତ ଅବୁବକର[ର.ଅ] ତାଙ୍କୁ ମଧ୍ୟ ଅମାନ୍ୟକାରୀଙ୍କ ଠାରୁ ଖରିଦ୍ କରି ସ୍ୱାଧୀନ କରିଦେଇଥିଲେ । ହଜରତ ଅବୁବକର [ର.ଅ]ଙ୍କ ପିତା ଏକଦା ଆପଣଙ୍କୁ ପରାମର୍ଶ ଦେଲେ ଯେ ତୁମେ ଶକ୍ତିଶାଳୀ ପୁରୁଷମାନଙ୍କୁ ସ୍ୱାଧୀନ କର ଯଦ୍ୱାରା ସେ ତୁମର ସୁରକ୍ଷା କରିବେ । ଏଥିରେ ଆପଣ କହିଲେ, ମୁଁ ତ କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ପ୍ରୀତିଭାଜନର ଅଧିକାରୀ ହେବାକୁ ଚାହୁଁଛି । ଅଲାମାଃ କୁରତବି ଓ ଅଲାମାଃ ଆଲୁସି ତଥା ଅନ୍ୟ ଐତିହାସିକଗଣ କୁହନ୍ତି; ସୁରାଃ ଲୈଲ୍‌ର ପଂକ୍ତି ଫଅମ୍ମା ମନ୍ ଆତା ୱ୍ୱତ୍‌ତକା...ସୌଫା ୟୁସ୍‌ରା ଅର୍ଥାତ ବସ୍ତୁତଃ ସେ ଯେ ପ୍ରଭୁଙ୍କ ମାର୍ଗରେ ଦାନ କଲା ଓ ଧର୍ମପରାୟଣତା ଅବଲମ୍ବନ କଲା ଏବଂ ଉତ୍ତମ ପୁଣ୍ୟର ସମର୍ଥନ କଲା ତେବେ ଆମେ ତାହାକୁ ପର୍ଯ୍ୟାପ୍ତ ମାତ୍ରାରେ ଦେବୁ । ଯେଉଁ ପର୍ଯ୍ୟନ୍ତ କୃପଣର ସମ୍ପର୍କ ରହିଲା ଓ ଯେ ଅବହେଳା ପ୍ରଦର୍ଶନ କଲା ତଥା ଉତ୍ତମ ପୁଣ୍ୟର ଅସ୍ୱୀକାର କଲା ତେବେ ଆମେ ତାହାର ମାର୍ଗକୁ ଅଧିକ ସଂକୀର୍ଣ୍ଣ କରିଦେବୁ । ଯେତେବେଳେ ତାହାର ଧନସମ୍ପତ୍ତି ବିଲୟ ଘଟିବ ଏବଂ ତାହାର କୌଣସି କାମରେ ଆସିବ ନାହିଁ । ସୁନିଶ୍ଚିତ ରୂପେ ମାର୍ଗଦର୍ଶନ କରାଇବା ଆମର କର୍ତ୍ତବ୍ୟ ଏବଂ ପ୍ରାରମ୍ଭ ଓ ପରିଣାମ ଉଭୟ ଆମ୍ଭ ଅଧୀନରେ ରହିଛି । ସୁତରାଂ ଆମ୍ଭେ ତୁମମାନଙ୍କୁ ଅଗ୍ନିର ଶାସ୍ତିରୁ ସଚେତନ କରେଇ ଦେଉଛୁ । ଯାହା ମଧ୍ୟରେ ହତଭାଗା ବ୍ୟତୀତ ଅନ୍ୟ କେହି ପ୍ରବେଶ କରିବେ ନାହିଁ । କିନ୍ତୁ ଯେ ମିଥ୍ୟାରୋପ କଲା ଓ ପିଠି ଫେରିନେଲା ଯେତେବେଳେ କି ସଭିଙ୍କ ମଧ୍ୟରୁ ଧର୍ମନିଷ୍ଠ ହିଁ ରକ୍ଷା କରାଯିବେ । ଯେ ନିଜ (ପବିତ୍ର) ଅର୍ଥ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି ଏବଂ ପବିତ୍ରତା ପ୍ରାପ୍ତିର ଅଭିଳାଷି ଅଟନ୍ତି । ତାଙ୍କ ଉପରେ କାହାର ଦୟା ବାକି ନଥାଏ ଯାହାର ପରିଣାମସ୍ୱରୂପ ତାହାକୁ ପ୍ରତିଫଳ ପ୍ରଦାନ କରାଯାଇ ଥାଏ । ଏହା ତ ମାତ୍ର ସେହି ପରମେଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିଥାଏ । ସେ ନିଶ୍ଚିତ ରୂପେ ଆନନ୍ଦିତ ହେବ । ଉକ୍ତ ପଂକ୍ତି ହଜରତ ଅବୁବକର [ର.ଅ]ଙ୍କ ସେହି ଅମଳର ପରିଣାମ ସ୍ୱରୂପ ଅବତୀର୍ଣ୍ଣ ହୋଇଥିଲା ।

ହଜରତ ମୁସଲେହ ମଉଦ[ର.ଅ] ହଜରତ ଖବାବ୍ ବିନ୍ ଅରତ୍ [ର.ଅ]ଙ୍କୁ ସ୍ୱାଧୀନ କରିବା ଘଟଣା ବର୍ଣ୍ଣନା କରି କହିଲେ; ଖବାବ୍[ର.ଅ] ଯେ କି ଗୋଟିଏ ସମୟରେ କ୍ରୀତଦାସ ଥିଲେ, ଏକଦା ଜଣେ ବ୍ୟକ୍ତି ତାଙ୍କ ପିଠିକୁ ଦେଖିଲେ ଯାହାକି ଅତି ଶକ୍ତ ଓ ମଇଁସି ଚମଡ଼ା ପରି ଅସମାନ ଦୃଶ୍ୟମାନ ହେଉଥିଲା । ତାହାକୁ ଦେଖି ସେ ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ କାରଣ ପଚାରିବାରୁ ଖବାବ୍[ର.ଅ] କହିଲେ; ଇସଲାମ ସ୍ୱୀକାର କରିବା ଯୋଗୁଁ ଆମ ମାଲିକ ଆମକୁ ଉତପ୍ତ ସୂର୍ଯ୍ୟାଲୋକରେ ଶୁଆଇ

ମାଡ଼ ମାରୁଥିଲା ଏବଂ କହୁଥିଲା ଯେ ସାକ୍ଷ୍ୟ ଦିଅ ଯେ "ମୁଁ ହଜରତ ମୁହମ୍ମଦ ସ.ଅଙ୍କର ଅସ୍ୱୀକାର କରୁଛି ।" କିନ୍ତୁ ତାହା ପରିବର୍ତ୍ତେ ଆମେ କଲ୍‌ମା ଶାହାଦତ୍ ଆବୃତ୍ତି କରୁଥିଲୁ । ଏଥିରେ ସେ ଆମକୁ ଆହୁରି ଅଧିକ ପିଟୁଥିଲେ ଏବଂ ଅତି କଠୋର ନିର୍ଦ୍ଦୟ ଭାବରେ ଆବୁଡ଼ା ଖାବୁଡ଼ା ପଥର ଉପରେ ଘୋଷାରୁ ଥିଲେ । ଯାହା କିଛି ତୁମେ ଦେଖିଲ ତାହା ସେହି ଘୋଷରା ଯିବାର ପରିଣାମ ଅଟେ । ବର୍ଷ ବର୍ଷ ଧରି ଆମେ ସେହି ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇଥିଲୁ । ଶେଷରେ ହଜରତ ଅବୁବକର ର.ଅ ନିଜ ସମ୍ପତ୍ତିର ଅଧିକାଂଶ ଭାଗ ବିକ୍ରି କରି ତାଙ୍କୁ ଖରିଦ୍ କରି ସ୍ୱାଧୀନ କରି ଦେଲେ ।

ଆଉ ଏକ ଅବସରର ହଜରତ ମୁସଲେହ ମଉଦ ର.ଅ ବର୍ଣ୍ଣନା କରି କହନ୍ତି; ଯେଉଁ ଦାସମାନେ ହଜୁର ସ.ଅ ଉପରେ ବିଶ୍ୱାସ ଆଣିଥିଲେ; ସେମାନଙ୍କ ମଧ୍ୟରେ ସୋହେବ ର.ଅ ରୋମୀ ଥିଲେ, ଖ୍ରୀଷ୍ଟିୟ ଧର୍ମରୁ ଜୁବେର ର.ଅ ତଥା ଅମାନ୍ୟକାରୀଙ୍କ ମଧ୍ୟରୁ ଅମ୍ମାର ର.ଅ ଓ ବିଲାଲ ର.ଅ ଆଦି ଅନ୍ତର୍ଭୁକ୍ତ ଥିଲେ । ବିଲାଲ ର.ଅଙ୍କୁ ତାଙ୍କ ମାଲିକ ଉତପ୍ତ ବାଲୁକାରେ ଶୁଆଇ ଅବା ତାଙ୍କ ଶରୀର ଉପରେ ପଥର ଲଦି ତାହା ଉପରେ ଯୁବକମାନଙ୍କୁ ନାଚିବାକୁ କହୁଥିଲେ । ହଜରତ ଅବୁବକର ର.ଅ ଯେତେବେଳେ ଏହି ଦୃଶ୍ୟ ଦେଖିଲେ ସେହି ଅମାନ୍ୟକାରୀଙ୍କୁ ତାଙ୍କର ମୂଲ୍ୟ ଦେଇ ସେମାନଙ୍କୁ ମୁକ୍ତ କରିଦେଲେ । ଯେତେବେଳେ ଅମାନ୍ୟକାରୀଙ୍କ ଅତ୍ୟାଚାର ସୀମାଲଙ୍ଘନ କରିଗଲା ସେତେବେଳେ ହଜୁର ସ.ଅ ମୁସଲମାନମାନଙ୍କୁ ଅର୍ଥାତ ୫ନବୀରେ ହବ୍‌ଶା ଆଡ଼କୁ ପ୍ରବାସ କରିବାକୁ ଆଦେଶ ଦେଲେ । ଅତଏବ ୧୧ଜଣ ପୁରୁଷ ଓ ଚାରି ଜଣ ମହିଳା ହବ୍‌ଶା ଅଭିମୁଖେ ବାହାରି ଗଲେ । ହଜରତ ଅବୁବକର ର.ଅ ପ୍ରବାସ କରିବା ଉଦ୍ଦେଶ୍ୟରେ ବାହାରିଥିଲେ କିନ୍ତୁ ବରକୁଲ୍ ଗମାଦ୍ ସ୍ଥାନରେ କାରା କବିଲାର ସରଦାର ଇବ୍‌ନେ ଦଗନାଃ ଆପଣଙ୍କ ଉଦ୍ଦେଶ୍ୟ ବୁଝିନେଇ ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବାର ଦାୟିତ୍ୱ (ସ୍ୱୟଂ) ବହନ କଲେ ଏବଂ ଆପଣଙ୍କୁ ମକ୍କା ଫେରାଇ ଆଣିଲେ । ମକ୍କା ପହଂଚି ସେ କୁରୈଶର ସରଦାରମାନଙ୍କୁ କହିଲେ; ହଜରତ ଅବୁବକର ର.ଅଙ୍କ ପରି ବ୍ୟକ୍ତିଙ୍କୁ ନା ଦେଶରୁ ବହିଷ୍କାର କରାଯାଇଥାଏ ନା ତାଙ୍କୁ ଦେଶ ବାହାରକୁ ଯିବାକୁ ଦିଆଯିବା ଉଚିତ୍ । କ'ଣ ତୁମେ ଏପରି ବ୍ୟକ୍ତିକୁ ବିତାଡ଼ିତ କରୁଅଛ ଯେ ଏପରି ସୁଗୁଣର ଅଧିକାରୀ ଯାହାକି ସଂସାରରୁ ବିଲୟ ହୋଇଚାଲିଛି । ସେ ସହାନୁଭୂତି ଓ ନମ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି, ଅସହାୟଙ୍କ ସହାୟତା କରୁଛନ୍ତି, ଅତିଥି ସତ୍କାର କରୁଛନ୍ତି । କୁରୈଶ ଇବ୍‌ନେ ଦଗନାଃଙ୍କର ସୁରକ୍ଷା ଦେବା ପ୍ରସ୍ତାବକୁ ସ୍ୱୀକାର କରିନେଲେ । କିନ୍ତୁ ସେମାନେ କହିଲେ; ଅବୁବକରଙ୍କୁ କୁହ ଯେ ସେ ନିଜ ପାଳନକର୍ତ୍ତାଙ୍କ ଉପାସନା ନିଜ ଘରେ ହିଁ ସମ୍ପାଦନ କରନ୍ତୁ । ହଜରତ ଅବୁବକର ର.ଅ ସେଥିଅନ୍ତେ ନିଜ ଘରେ ନମାଜ ଓ କୁରଆନ ପାଠ କରୁଥିଲେ । କିଛି ସମୟ ପରେ ଆପଣ ନିଜ ଘର ଦୁଆରେ ଉପାସନାର ବ୍ୟବସ୍ଥା କଲେ । ଯାହାକୁ ଅମାନ୍ୟକାରୀଙ୍କ ମହିଳା ଓ ପିଲାମାନେ ଶୁଣି ଆକର୍ଷିତ ହୋଇ ଚାଲି ଆସୁଥିଲେ । ଏହା ଦେଖି କୁରୈଶ ମକ୍କା ଇବ୍‌ନେ ଦଗନାଃଙ୍କୁ ସତର୍କ କଲେ । ବସ୍ତୁତଃ ସେ ହଜରତ ଅବୁବକର ର.ଅଙ୍କୁ ଏଥିରୁ ବାରଣ କରିବାରୁ ଆପଣ ଇବ୍‌ନେ ଦଗନାଃଙ୍କ ସୁରକ୍ଷା (ସନ୍ତକ) ତାଙ୍କୁ ଫେରସ୍ତ କରିଦେଲେ । ଅଧିକନ୍ତୁ ହଜରତ ଅବୁବକର ର.ଅ ତାଙ୍କୁ କହିଲେ; **ମୋ ପାଇଁ ଅଲ୍ଲାଃଙ୍କ ସୁରକ୍ଷା ଯଥେଷ୍ଟ ।** ହଜରତ ଅବୁବକର ର.ଅ ନିଜ ଘର ଦୁଆରେ ମସଜିଦ୍ ନିର୍ମାଣ କରିଥିଲେ ସେଥି ସଂକ୍ରାନ୍ତରେ ସହି ବୁଖାରୀର ଶରାଃ ଉମ୍‌ଦତୁଲ୍ କାରୀରେ ଉଲ୍ଲେଖ ରହିଛି, ଯେ ଏହି ମସଜିଦ୍ ଆପଣଙ୍କ ଘରର କାନ୍ଥ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏବଂ ଏହା ପ୍ରଥମ ମସଜିଦ୍ ଥିଲା ଯାହାକି ଇସଲାମର ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମିତ ହୋଇଥିଲା ।

ହଜରତ ଅବୁବକର ର.ଅ ଶୁଏବେ ଅବି ତାଲିବ୍‌ରେ ହଜୁର ସ.ଅଙ୍କ ସହିତ ଥିଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ କୁହନ୍ତି; ସେହି ଅତି ବିପତ୍ତି ପୂର୍ଣ୍ଣ ଦିନମାନଙ୍କରେ ମଧ୍ୟ ହଜରତ ଅବୁବକର ର.ଅ ହଜୁର ସ.ଅଙ୍କ ସଙ୍ଗତ ଛାଡ଼ି ନଥିଲେ ।

ହଜରତ ଇବ୍‌ନେ ଅବ୍‌ବାସ୍ ର.ଅ କୁହନ୍ତି; ଯେତେବେଳେ ଗୁଲିବତିର୍ ରୋମ୍ ଫିଅଦ୍‌ନାଲ୍ ଅରଜ୍ ପଂକ୍ତି ଅବତୀର୍ଣ୍ଣ ହେଲା । ସେତେବେଳେ ଅମାନ୍ୟକାରୀମାନେ ଏହି ଅଭିଳାଷ କଲେ ଯେ ଫରାସିମାନେ ରୋମୀମାନଙ୍କୁ ପରାଜିତ କରିଦେବେ । କାରଣ ସେମାନେ ମଧ୍ୟ ପିତୁଳା ପୂଜକ ଥିଲେ । ଯେତେବେଳେ କି ମୁସଲମାନମାନେ ଚିନ୍ତା କରୁଥିଲେ, ଯେ ରୋମୀମାନେ

ଫରାସିମାନଙ୍କୁ ପରାଜିତ କରିଦେବେ । କାରଣ ରୋମୀମାନେ ଗ୍ରନ୍ଥଧାରୀ ଥିଲେ । କିନ୍ତୁ ହଜୁର[ସ.ଅ] ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ଏହି ପଂକ୍ତି ଘୋଷଣା କରିବା ପରେ କି ରୋମୀମାନେ ନିଶ୍ଚୟ ବିଜୟ ମଣ୍ଡିତ ହେବେ, ହଜରତ ଅବୁବକର[ର.ଅ] ଅମାନ୍ୟକାରୀଙ୍କ ସହିତ ନିର୍ଦ୍ୱନ୍ଦରେ ସର୍ତ୍ତ ଲଗାଇ ଦେଲେ ।

ସହି ବୁଖାରୀରେ ହଜୁର [ସ.ଅ]ଙ୍କର ଚାରି ଗୋଟି ଏପରି ଭବିଷ୍ୟତ ବାଣୀ ଦରଜ ରହିଛି ଯାହାକି ବେଶ୍ ଭବ୍ୟତାର ସହିତ ପୂରଣ ହେଲା । ଏହି ଭବିଷ୍ୟତ ବାଣୀରେ ରୋମୀମାନେ ବିଜୟୀ ହେବାର ସୁସମାଚାର ରହିଥିଲା । ବସ୍ତୁତଃ ମସରୁକ୍ ବର୍ଣ୍ଣନା କରନ୍ତି; ଆମେ ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ [ର.ଅ]ଙ୍କ ନିକଟରେ ଥିଲୁ । ସେ କହିଲେ; ନବୀ[ସ.ଅ] ଯେତେବେଳେ ଦେଖିଲେ, ଯେ ଲୋକମାନେ ପଶ୍ଚାତପଦ ଦେଉଛନ୍ତି ସେତେବେଳେ ଆପଣ କହିଲେ; ଅଲ୍ଲାଃ ଯେପରି ହଜରତ ୟୁସୁଫ୍‌ଙ୍କ ସମୟରେ ଲୋକମାନଙ୍କୁ ସାତ ବର୍ଷ ପର୍ଯ୍ୟନ୍ତ ଦୁର୍ଭିକ୍ଷର ବିଭୀଷିକାରେ ଗ୍ରସିତ କରିଥିଲେ ସେହିପରି ଏମାନଙ୍କ ଉପରେ ମଧ୍ୟ (ହେ ପ୍ରଭୁ!) ନିଜର ଶାସ୍ତି ଅବତୀର୍ଣ୍ଣ କର । ଅତଏବ ସେମାନେ ମଧ୍ୟ ସେହିପରି ଦୁର୍ଭିକ୍ଷର ଶିକାର ହେଲେ । ଯାହାକି ପ୍ରତ୍ୟେକ ଜିନିଷକୁ ନଷ୍ଟ କରିଦେଲା, ଏପରିକି ଶେଷରେ ସେମାନେ ଚମଡ଼ା, ମୃତ ଜୀବ ଓ ଦୁର୍ଗନ୍ଧ ଶବ ଖାଇବାକୁ ପଛେଇଲେ ନାହିଁ । ସେମାନେ ଯେତେବେଳେ ଭୀଷଣ କ୍ଷୁଧାରେ ଆକାଶ ମାର୍ଗକୁ ଚାହୁଁ ଥିଲେ ସେତେବେଳେ ସେମାନଙ୍କୁ ଧୂଆଁ ଦୃଶ୍ୟମାନ ହେଉଥିଲା । ଅଲ୍ଲାଃତାଲା କହିଥିଲେ; ତୁମେମାନେ ଅପେକ୍ଷା କର ସେହି ଦିନର ଯେତେବେଳେ ଆକାଶ (ସ୍ୱଷ୍ଟ) ଧୂଆଁରେ ପରିପୂର୍ଣ୍ଣ ହୋଇଯିବ । ନିଶ୍ଚିତ ରୂପେ ତୁମେମାନେ ଏହାର ପୁନରାବୃତ୍ତି କରିବ ଯେଉଁ ଦିନ ସମସ୍ତ ପ୍ରକାର ହିସାବ ନିଆଯିବ । ସୁତରାଂ ସେହି ବୃହତ ପ୍ରଶ୍ନଉତ୍ତର ବଦର ଯୁଦ୍ଧର ଦିନ ଥିଲା । ଅତଏବ ଭୀଷଣ ଧୂଆଁର ଶାସ୍ତି ଓ ଆୟତାଧୀନ କୋପରେ କବଳିତ ହେବା, ଉପର ଉଲ୍ଲେଖ ଭବିଷ୍ୟତ ବାଣୀ ତଥା ରୋମର ଭବିଷ୍ୟତ ବାଣୀ ସବୁକିଛି ପୂରଣ ହୋଇଗଲା । ଅଲ୍ଲାମା ବଦ୍‌ରୁଦ୍ଦିନ୍ ଐନୀ ଲେଖିଛନ୍ତି; ଯେ ହଜରତ ଅବୁବକର[ର.ଅ] ଓ ଅବୁ ଜହଲ୍ ମଧ୍ୟରେ ଏହି ପ୍ରସଙ୍ଗରେ କିଛି ବର୍ଷ ଅବଧିର ସର୍ତ୍ତ ଲାଗିଥିଲା । ହଜୁର[ସ.ଅ] କହିଲେ; ବିଜ୍‌ଆର ଶବ୍ଦ ସେହି ସ୍ଥଳେ ବ୍ୟବହାର ହୋଇଥାଏ, ଯେଉଁସ୍ଥଳେ ୯ ଅବା ୭ ବର୍ଷ ବ୍ୟବହାର କରିବା ଉଦ୍ଦେଶ୍ୟ ଥାଏ । ଏଥିରେ ହଜରତ ଅବୁବକର[ର.ଅ] ସମୟ ଅବଧି ବଢାଇ ଦେଇଥିଲେ । ପରିଶେଷରେ ରୋମୀ ବିଜୟୀ ହୋଇଥିଲେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ବିଜ୍‌ଆର ଶବ୍ଦ (ସାମଗ୍ରିକ ଭାବରେ) ପ୍ରକାଶ କରୁଅଛି ଏବଂ ଅଧିକାଂଶ ସମୟରେ ତାହା ୯ ଅବା ୭ ବର୍ଷ ପାଇଁ ବ୍ୟବହାର ହୋଇଥାଏ । ହଜରତ ମିର୍ଜା ବଶିର ଅହେମଦ[ର.ଅ] କୁହନ୍ତି; ଏହା ସେହି ସମୟର ଘଟଣା ଯେତେବେଳେ ହଜୁର[ସ.ଅ] ମକ୍କାରେ ଥିଲେ ଅର୍ଥାତ ଆପଣ ପ୍ରବାସ କରି ନଥିଲେ । ସେଥିଅନ୍ତେ ଧାର୍ଯ୍ୟ ସମୟାନୁଯାୟୀ ଯୁଦ୍ଧର ପର୍ଯ୍ୟାୟକ୍ରମ ହଠାତ୍ ଆରମ୍ଭ ହେଲା ଏବଂ ରୋମୀ ଫରାସୀମାନଙ୍କୁ ସ୍ୱଳ୍ପ ଅବଧି ମଧ୍ୟରେ ପରାସ୍ତ କରି ନିଜ ଅଂଚଳ ପୁନଃ ହାସଲ କରିନେଲେ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ହଜରତ ଅବୁବକର [ର.ଅ]ଙ୍କ ସହିତ କେତେକ ଅମାନ୍ୟକାରୀ ଏଥିସଂକ୍ରାନ୍ତରେ ଶହେ ଶହେ ଓଟର ମଧ୍ୟ ସର୍ତ୍ତ ରଖି ଥିଲେ । ଯଦିଚ ଏହି ଭବିଷ୍ୟତ ବାଣୀ ପୂରଣ ହେବାର କୌଣସି ସମ୍ଭାବନା ଦୃଶ୍ୟମାନ ହେଉ ନଥିଲା କିନ୍ତୁ ନିର୍ଣ୍ଣାୟକ ଯୁଦ୍ଧରେ, ରୋମୀ ସିପାହି ସଂଖ୍ୟା ଓ ଯୁଦ୍ଧ ସାମଗ୍ରୀ କମ୍ ଥିବା ସତ୍ତ୍ୱେ ପବିତ୍ର କୁରଆନର ଭବିଷ୍ୟତ ବାଣୀ ଅନୁଯାୟୀ ଇରାନୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ ।

ଯେତେବେଳେ ଅଲ୍ଲାଃତାଲା ହଜୁର [ସ.ଅ]ଙ୍କୁ ସମଗ୍ର ଆରବ ଗୋଷ୍ଠୀକୁ ପ୍ରଚାର କରିବାକୁ ଆଦେଶ ଦେଲେ ସେତେବେଳେ ଆପଣ ହଜ ସମୟରେ ହଜରତ ଅବୁବକର [ର.ଅ]ଙ୍କୁ ଓ ହଜରତ ଅଲୀ [ର.ଅ]ଙ୍କୁ ସାଥିରେ ନେଇ ଅଓ୍ୱସ ଓ ଖଜରଜ୍ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ସାମୁହିକ ବୈଠକରେ ଉପସ୍ଥିତ ହେଲେ ଏବଂ ତାଙ୍କ ନିକଟରେ ଇସଲାମର ସୁନ୍ଦର ଶିକ୍ଷା ପହଂଚାଇଲେ । ଏହିପରି ହଜ୍‌ର ଅବସରରେ ହଜୁର[ସ.ଅ] କବିଲା ବକର୍ ବିନ୍ ଓ୍ୱାଇଲ୍ ଆଡ଼କୁ ହଜରତ ଅବୁବକର [ର.ଅ]ଙ୍କୁ ଇସଲାମର ବାର୍ତ୍ତା ପହଂଚାଇବା ପାଇଁ ପ୍ରେରଣ କଲେ । ଗୋଟିଏ କବିଲା ବନି ଶୈବାନ୍ ବିନ୍ ସାଲବାଃ ହଜୁର [ସ.ଅ]ଙ୍କ ନିମନ୍ତ୍ରଣରେ ବେଶ୍ ପ୍ରଭାବିତ ତ ହେଲେ କିନ୍ତୁ ଆମେ ତାଙ୍କ ସରଦାର୍ ମଧ୍ୟରୁ ମୁସ୍‌ନା ବିନ୍ ହାରିସ୍‌ଙ୍କୁ କିସରା ସହିତ ନିଜର ସନ୍ଧିର ଚର୍ଚ୍ଚା କଲୁ । ଯାହା ଅନ୍ତର୍ଗତ ସେ କିଛି ନୂଆ କାମ କରିବାର ସମାର୍ଥ୍ୟ ରଖୁଥିଲେ, ନା କୌଣସି ନୂଆ କାମ

କରିବା ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିପାରୁଥିଲେ । ହଜୁର[ସ.ଅ] ତାଙ୍କୁ କହିଲେ; ଯଦି ସ୍ୱପ୍ନ ଅବଧି ମଧ୍ୟରେ ପରମେଶ୍ୱର ତୁମକୁ କିସରା (ଫାର୍ସିମାନଙ୍କ)ର ସମ୍ରାଟ କରିଦିଅନ୍ତି ତେବେ କ'ଣ ତୁମେ ଅଲ୍ଲାଃତାଲାଙ୍କ ପ୍ରଶଂସା ଓ ମହିମା ଗାନ କରିବ ? ଏହା ଶୁଣି ସେମାନେ ଉକ୍ତ ପ୍ରସ୍ତାବରେ ରାଜି ହୋଇଗଲେ । ପ୍ରଭୁଙ୍କ ନିୟତି ମୁତାବକ ସେହି ମୁସ୍‌ନା ଯେ କିସରାରୁ ଭୟଭୀତ ହୋଇ ଇସଲାମ ଧର୍ମ ସ୍ୱୀକାର କରିବାକୁ ଟଳମଟଳତ ହେଉଥିଲେ । **ହଜରତ ଅବୁବକର [ର.ଅ]ଙ୍କ ଖିଲାଫତ୍ କାଳରେ କିସରା ସହିତ ଯୁଦ୍ଧ କରୁଥିବା ଇସଲାମୀୟ ସେନାର ସେ ହିଁ ସେନାଧକ୍ଷ ଥିଲେ ।**

ହଜୁର ଅନୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ଚର୍ଚ୍ଚା ଆଗକୁ ମଧ୍ୟ ଅବ୍ୟାହତ ରହିବ  ବର୍ତ୍ତମାନ ମୁଁ ଆଫଗାନୀସ୍ତାନ ଓ ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଉଛି । କାରଣ ଆଫଗାନୀସ୍ତାନର ଅହେମଦିମାନେ ଅତି ସଂଙ୍କଟାପର୍ଣ୍ଣ ଅବସ୍ଥା ମଧ୍ୟ ଦେଇ ଗତି କରୁଛନ୍ତି । କେତେକ ଅହେମଦିଙ୍କୁ ସେଠାରେ ଗିରଫ୍ ମଧ୍ୟ କରାଯାଇଛି, ତାଙ୍କ ମହିଳା ଓ ପିଲାମାନେ ଘରେ ବେଶ୍ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି । ଆଉ ଯେଉଁ ପୁରୁଷମାନେ ଘର ଛାଡ଼ି ଏଣେତେଣେ ପଳାୟନ କରିଛନ୍ତି, ଯାହାଙ୍କୁ ଗିରଫ୍ କରାଯାଇ ନାହିଁ । ସେମାନଙ୍କ ଉପରେ ମଧ୍ୟ ଏହି ବିପତ୍ତି ଲାଗି ରହିଛି ଯେ ତାଙ୍କୁ ଦେଖିଲା ମାତ୍ରେ ଗିରଫ୍ କରିନେବେ । ଅଲ୍ଲାଃତାଲା ସେମାନଙ୍କ ପାଇଁ ସରଳ ମାର୍ଗ ଉନ୍ମୁକ୍ତ କରିଦିଅନ୍ତୁ ଏବଂ ସେମାନଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରନ୍ତୁ ।

ପୁନଶ୍ଚ ପାକିସ୍ତାନର ଅବସ୍ଥା ମଧ୍ୟ କିଛି କମ୍ ନାହିଁ ସେଠାରେ ତ ସର୍ବଦା ଏପରି ଉତ୍କଟ ପରିସ୍ଥିତି ଅବ୍ୟାହତ ରହିଛି । କୌଣସି ନା କୌଣସି ସ୍ଥାନରେ କିଛି ନା କିଛି ଘଟଣା ଘଟିଯାଇଥାଏ । ଅର୍ଥାତ ଅହେମଦିମାନେ ଶୋଷଣର ଶିକାର ହୋଇଚାଲିଛନ୍ତି । ତେଣୁ ସାମୁହିକ ରୂପେ ଦୁଆ କରିବେ ଯେ ଅଲ୍ଲାଃତାଲା ସମଗ୍ର ବିଶ୍ୱବାସୀଙ୍କୁ ହଜରତ ମସିହ ମଉଦ [ଅ.ସ]ଙ୍କୁ ଚିହ୍ନି ଆପଣଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସମସ୍ତ ପ୍ରକାରର ଉପଦ୍ରବର ମୂଳୋତ୍ପାଟନ କରିଦିଅନ୍ତୁ ଏବଂ ସଂସାରବାସୀ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନି ନିଅନ୍ତୁ । (ଆମିନ୍)

ସେଥିଅନ୍ତେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ବର୍ତ୍ତମାନ ମୁଁ କିଛି ଜନାଯାଃ ଗାଏବ ମଧ୍ୟ ପାଠ କରାଇବି । ସେଥିମଧ୍ୟରେ ଶ୍ରୀମାନ ଅଲ୍ ହାଜ୍ ଅବ୍‌ଦୁର ରହେମାନ୍ ଐନୀ ସାହେବ ପୂର୍ବତନ ସେକ୍ରେଟେରୀ ଉମୁରେ ଆମା ଓ ଅଫସର୍ ଜଲସା ସାଲାନା ଘାନାଙ୍କର ଅଟେ । ଦ୍ୱିତୀୟ ଶ୍ରୀମାନ ଅୟୟାବ୍ ଅଲୀ ମୁହମ୍ମଦ ଅଲଜବାଲି ସାହେବ ଉର୍ଦୁନ ନିବାସୀଙ୍କର ଅଟେ । ତୃତୀୟ ଶ୍ରୀମାନ ଦିନ୍ ମୁହମ୍ମଦ ଶାହିଦ୍ ସାହେବ ଅବସର ପ୍ରାପ୍ତ ମୁବଲିଗ୍ ସିଲସିଲା କାନେଡ଼ାଙ୍କର ଅଟେ । ଚତୁର୍ଥ ଶ୍ରୀମାନ ମିଆଁ ରଫିକ୍ ଅହେମଦ ସାହେବ କର୍ମୀ ଜଲସା ସାଲାନାଙ୍କର ଅଟେ । ପରବର୍ତ୍ତୀ ଜନାଯାଃ ଶ୍ରୀମତୀ କାନ୍ତା ଜଫର୍ ସାହେବାଃ ପତ୍ନୀ ଶ୍ରୀମାନ ଅହେସାନୁଲ୍ଲାଃ ଜଫର୍ ସାହେବ ପୂର୍ବତନ ଅମିର ଜମାଅତ ଆମେରିକାଙ୍କର ଅଟେ । ଏସମସ୍ତ ମୃତକଙ୍କ ନମାଜ ଜୁମା ପରେ ନମାଜ ଜନାଯାଃ ଗାଏବ ପଢାଇବାର ହଜୁର ଅନୱର[ଅ.ବ] ଘୋଷଣା କଲେ ଏବଂ ପରମେଶ୍ୱର ସେମାନଙ୍କ ସହିତ କ୍ଷମା ଆଚରଣ କରିବା ତଥା ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ସକାଶେ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ୱ ନସ୍‌ତଈନନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ୱଲ୍ ଇହ୍‌ସାନି ୱ୍ୱଇତାଇଜିଲ କୁର୍‌ବା ୱ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ୱଲ୍ ମୁନ୍‌କରି ୱ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

* * * * * * * * * * * * * * * * * *

Khulasa Khutba Juma Huzoor Anwar a.b.a
17th  December  2021